# ଆସ ପ୍ରିୟ[୧]

ସମୟର ଶୂନ୍ୟ ରାଜପଥ ।।
ଏବେ ଆଉ ଶୁଭେ ନାହିଁ
ଶବ୍ଦଙ୍କ ମୁଗ୍‌ଧ କୋଳାହଳ
ଲିଭି ବି ଯାଇଛି
ମୋକ୍ଷର କ୍ଷୀଣ ପାଦଚିହ୍ନ ।।

ତଥାପି ମୁଁ ତମ ପାଇଁ
ତୋଳୁଛି ଅପେକ୍ଷାର  ସ୍ୱର
ହେ! ମୋର ପ୍ରିୟତମ
ତମେ ଆସ
ସବୁ ଦିଗୁଁ ହୋଇ
ଦକ୍ଷିଣା ପବନ

ତେବେ ଯାଇ
ଫିଟିବ ମୋ–
ଆତ୍ମାର ରୁଦ୍ଧ ବାତାୟନ ।।
ଶିରି ଶିରି ଅନ୍ଧାରର ଜଟିଳ ବ୍ୟୁହ
ତମେ ଇ ତ ପାରିବ ଲଙ୍ଘି
ତମେ ଇ ତ ପାରିବ
ଡେଇଁ କାଳର କ୍ଷୁଧିତ ଘାଟୀ
ଏବଂ ବହି ଆସିବ
ଗଙ୍ଗା ପରି ଛଳଛଳ ହୋଇ
ମରଣର ଆର୍ତ୍ତ ନଗରୀରେ ।।

ତମେ ଆସିଲେ ସିନା
ମୋ ଅହଙ୍କାରର
ସୁପ୍ତ ତରବାରୀ
ପରାଜିତ ହେବ
ଦୟା ନଦୀର କୂଳେ କୂଳେ
ରକ୍ତର ଧାର ଧାର ସ୍ରୋତ
ଯେତେକ ଫୁଟିବେ
ନିର୍ବାଣର ଫୁଲ ହୋଇ

[୧] ସପ୍ତର୍ଷି –ଜୁନ–୧୯୯୯

ଇତିହାସ ବି ଖୋଲିବ ପାଟି
ମୌନତାର ସମ୍ମୋହନ ଫିଙ୍ଗି ।।

ହେ ପ୍ରିୟ!
କାନ ଖାଲି ଖୋଜି ବସେ
ତମରି ପାଦଶବ୍ଦ
ଫୁଲଟେ ଝଡ଼ିଲେ ଲାଗେ
ମୁଁ ନିଜେ ଇ ପଡ଼ୁଛି ଝଡ଼ି
କାହରି ବାସନା ସତେ
ଟାଣୁଛି ମୋତେ
ରାସତାର ମାଟି ଗୋଡ଼ି ।।

ଏବେ ନୁହେଁ
ଆଉ ନୁହେଁ
ତମକୁ ଆସିବାକୁ ହେବ ହିଁ ହେବ
ସୃଜନୀର ଦୀର୍ଘରାତି
ଦୀର୍ଘ ନିଦ୍ରା ପରିତ୍ୟାଗ କରି
ତମ ପାଇଁ ମୁଁ  ପରା
ଜୀଇଁଛି
କାମନାର ଜ୍ୱଳନରେ ଜଳି ଜଳି
ମରି ବି ପାରୁନି ।।

ସେ ପର୍ଯ୍ୟନ୍ତ ବାଟ ହୁଡ଼ି
ସୂର୍ଯ୍ୟ ଉଇଁବନି ।
ନୂତନ ସକାଳ ଖୋଲିବନି ଆଖି
ଖୋଲିଲେ ବି କ'ଣ
ଦେଖିବି ପ୍ରିୟ
ଲୁହ?
ରକ୍ତ?
ଆଉ ହିଂସାର ରାଇଜ?
ଅବା ଦେଖିବି
ନିଜ ଶବ ନିଜେ ବୋହି
କେମିତି ଅମୃତର ପୁଅ ସବୁ
ଏକମୁହାଁ ଧାଇଁଛନ୍ତି
ଶ୍ମଶାନ ଆଡ଼କୁ ।।

ସେଇତ ଶ୍ମଶାନ
ଯେଉଁ ଶ୍ମଶାନରେ ତମେ
ଥାପି ଥିଲ
ମୋକ୍ଷର ବୀଜ
ବାଣ୍ଟିଥିଲ ଜୀବନର ସତ୍ୟ
ହେଲେ ପ୍ରିୟ
ଆଜିକାଲି ତ ବିବେକ ମୂକ
ଧର୍ମ ମ୍ରିୟମାଣ !!

ଆସ ପ୍ରିୟ ଆସ ।।
ଆଉ ନିଅନି ପରୀକ୍ଷା ପ୍ରତୀକ୍ଷାର ।।
ଲୁମ୍ବିନୀର ରାସ୍ତାଘାଟେ
ମୁଁ ଲହରୁଛି
ହୋଇ ଗୈରିକ ବାସ
ଗୋଟେ ହାତେ ଯନ୍ତ୍ରଣା ତ
ଆର ହାତେ ଶରଣାପନ୍ନ
ମଳିନ ରାତି ଆଉ ଜହ୍ନ ।